# ସୁଧ ହାର ଓ ବିପଦର ବର୍ଗୀକରଣ ପ୍ରତି ଦୃଷ୍ଟିଭଙ୍ଗୀ

ଉଚିତ ଅଭ୍ୟାସ ସଂହିତା ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଆଶା କରୁଛି ଯେ ଏନ ବି ଏଫ ସି ର ବୋର୍ଡ ଅଫ ଡାଇରେକ୍ଟର ତାର ଗ୍ରାହକ ମାନଙ୍କୁ ସୁଧା ହାର ଓ ବିପଦର ବର୍ଗୀକରାଣ ପ୍ରତି ସେମାନଙ୍କ ଦୃଷ୍ଟି ଭଙ୍ଗୀକୁ ଗ୍ରାହକମାନଙ୍କୁ ଜଣାନ୍ତୁ ଏବଂ ଏହାକୁ ସେମାନଙ୍କ ସର୍ବସାଧାରଣ ୱେବ ସାଇଟରେ ପ୍ରଦର୍ଶନ କରନ୍ତୁ।

ଗ୍ରାହକ ମାନଙ୍କୁ ଋଣ ଦେବା ସମୟରେ , ସୁଧ ହାର ଓ ବିପଦର ବର୍ଗୀକରଣ କିମ୍ବା ଲିଜ ଭଡାକୁ ଜଣକୁ ଜଣ ଭିତ୍ତିରେ ଏକ କିମ୍ବା ଏକାଧିକ ବିଷୟ ଯଥା – ଅର୍ଥ ଲଗାଯାଇଥିବା ସମ୍ପତ୍ତିର ପ୍ରକାର ଏବଂ ଏହାର ବାସ୍ତବ ବ୍ୟବହାର, ଗ୍ରାହକଙ୍କ ପ୍ରୋଫାଇଲ ଓ ପରିଶୋଧ କ୍ଷମତା, ବିଗତ ପରିଶୋଧ ଇତିହାସ ଓ ଟ୍ରେକ ରେକର୍ଡ, ପାଣ୍ଠିର ପ୍ରବାହ ଓ ଅନ୍ୟ ଆର୍ଥିକ ପ୍ରତିଶ୍ରୁତି। ଉପଲବ୍ଧ ପ୍ରତିଭୂତି , ଋଣ ପରିଶୋଧର ସ୍ଥିତି, ଦିଆଯାଇଥିବା ଋଣ ଓ ଡିଫଲ୍ଟ ହେବାର ଆଶଙ୍କା, ପାଣ୍ଠିର ମୂଲ୍ୟ, ଉପଲବ୍ଧ ଆର୍ଥିକ ଯୋଗାଡ, ସୁଧ ସବସିଡି ଓ ଛାଡ, ପରିଚାଳନା/ପ୍ରଶାସନିକ ଖର୍ଚ୍ଚ, ମାର୍ଜିନ ଓ ରିସ୍କ ପ୍ରିମିଅମ, ଋଣ /ଧାରର ସର୍ତ୍ତ କିମ୍ବା ସମୟ ଅବଧି, ଗ୍ରାହକମାନଙ୍କ ଭୌଗଳିକ ସ୍ଥିତି ଓ କମ୍ପାନୀର ପ୍ରତିଯୋଗୀତାମୂଳକ ସ୍ଥିତି ଆଦିକୁ ନେଇ କମ୍ପାନୀ ନିଷ୍ପତ୍ତି ନେଇଥାଏ। ଏହି ସବୁ ସୂଚନା, ଗ୍ରାହକ ମାନଙ୍କ ଦ୍ଵାରା ଦିଆ ଯାଇଥିବା ସୂଚନା ଓ ତଥ୍ୟ ,କରାଯାଇଥିବା ଯାଞ୍ଚ ଓ ପ୍ରମାଣ ଏବଂ କ୍ରେଡିଟ ବ୍ୟୁରୋ ଭଳି ସ୍ଵତନ୍ତ୍ର ତୃତୀୟ ପକ୍ଷ ଓ ଅନ୍ୟାନ୍ୟ ସୂତ୍ରରୁ ସଂଗ୍ରହ କରାଯାଇ ଥିବା ତଥ୍ୟକୁ ଆଧାର କରି କମ୍ପାନୀ ନିଷ୍ପତ୍ତି ନେଇଥାଏ। କମ୍ପାନୀର ଅନ୍ତରୀଣ ଋଣନୀତି ଓ ଦୃଷ୍ଟିଭଙ୍ଗୀକୁ ନେଇ ଋଣ ଦେବାର ଆକଳନ କରାଯାଇ ଥାଏ।

ପ୍ରତ୍ୟେକ ଗ୍ରାହକଙ୍କୁ ଦିଆଯାଉଥିବା ସ୍ଵାକ୍ଷରିତ କ୍ରେଡି ଚୁକ୍ତି ଏବଂ ସଂଲଗ୍ନ କାଗଜପତ୍ର ଜରିଆରେ ସେମାନଙ୍କୁ ବାର୍ଷିକ ସୁଧ ହାର/ ଲିଜ ଭଡା ସମ୍ପର୍କରେ ଜଣାଇ ଦିଆଯାଇଥାଏ । ସୁଧା ହାର ଓ ଲିଜ ଭଡା ସ୍ଥିର କରିବାକୁ କମ୍ପାନୀର ଇଚ୍ଛାଧୀନ ଅଧିକାର ରହିଛି । ଜଣକୁ ଜଣ କରି ଗ୍ରାହକଙ୍କ ବାସ୍ତବତା ଓ ପରିସ୍ଥିତିକୁ ନେଇ ଋଣ ଓ ପରିଶୋଧ ସମୟ ସୀମା ସ୍ଥିର କରାଯାଉ ଥିବାରୁ ଏକ ସମୟରେ ସମାନ ଋଣ ନେଇଥିବା ଦୁଇ ଜଣ ଗ୍ରାହକଙ୍କ ମଧ୍ୟରେ ସୁଧ ହାର/ଲିଜ ଭଡାର ପରିମାଣ ପୃଥକ ହେବାର ସମ୍ଭାବନା ରହିଥାଏ ।

କମ୍ପାନୀ ଦ୍ଵାରା ବଛା ଯାଇଥିବା ବଜାର ସହିତ ବଜାରରେ ବିଭିନ୍ନ ପ୍ରକାର ଆର୍ଥିକ ଉତ୍ପାଦନ ଓ ଆର୍ଥିକ ସେବା ଗୁଡିକ ମିଳୁଥିବା ଦୃଷ୍ଟିରୁ ଗ୍ରାହକ ମାନଙ୍କ ସୁରକ୍ଷା ପାଇଁ ସେମାନଙ୍କ ଉପରେ ଯେପରି ଅଧିକ ସୁଧ ନ ପଡେ ସେଥିପାଇଁ କମ୍ପାନୀ ସବୁବେଳେ ଯତ୍ନଶୀଳ ରହିଥାଏ।

ତୁରନ୍ତ ଅପଡେଟ: ନିମ୍ନ ଲିଖିତ ପରବର୍ତ୍ତୀ ସମୀକ୍ଷା ବୈଠକ ପୂର୍ବରୁ ଯଦି ଏହି ଦସ୍ତାବିଜରେ ସଂଶୋଧନ କରାଯାଏ ତେବେ ସେ ବିଷୟର ଅପଡେଟ କରାଯାଇଥିବା ତଥ୍ୟକୁ କମ୍ପାନୀର ୱେବ ସାଇଟରେ ପ୍ରଦର୍ଶନ କରାଯିବ।

| | |
|---|---|
| ତାରିଖ: | ସେପ୍ଟେମ୍ବର ୧୬, ୨୦୨୧ |
| ବୋର୍ଡ ର ସ୍ଵୀକୃତି: | ସେପ୍ଟେମ୍ବର ୧୬, ୨୦୨୧ |
| ପରବର୍ତ୍ତୀ ସମୀକ୍ଷା ତାରିଖ: | ସେପ୍ଟେମ୍ବର ୧୬, ୨୦୨୩ |
| ଦସ୍ତାବିଜ ର ମାଲିକ: | କାମ୍ପଲାଏନ୍ସ |

Registered Office:
De Lage Landen Financial Services India Pvt. Ltd.
CIN: U65900MH2011FTC221903
B2-708, 7th Floor, 'B' Wing,
Boomerang Co-Operative Premises Society Limited,
Saki Naka, Chandivali Farm Road, Near Chandivali Studio,
Andheri (East), Mumbai – 400072, India

Telephone +91 22 6982 3199
www.dllgroup.com

DLL (De Lage Landen) has offices in more than 30 countries throughout Europe, North America, South America, Australia and Asia. The company is part of the Rabobank Group.